**SAMPLE QUESTION PAPER FOR THE SESSION 2016-17**
**SUMMATIVE ASSESSMENT - II**
**Class - X**
**ODIA (013)**

*Time Allowed: 3 hours* *Maximum Marks: 90*

**ଏହି ପ୍ରଶ୍ନପତ୍ରରେ ଚାରିଗୋଟି ବିଭାଗ ରହିଛି ।**

| | | | | | |
|---|---|---|---|---|---|
| (କ) | ପଠନ | - | *Reading* | - | *10 Marks* |
| (ଖ) | ଲିଖନ | - | *Writing* | - | *15 Marks* |
| (ଗ) | ବ୍ୟାକରଣ | - | *Grammar* | - | *15 Marks* |
| (ଘ) | ସାହିତ୍ୟ | - | *Literature* | - | *50 Marks* |

**ନିର୍ଦ୍ଦେଶାନୁଯାୟୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

**'କ' ବିଭାଗ**

*1.* **ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** $5 \times 2 = 10$

ମନୁଷ୍ୟ ଏକ ସାମାଜିକ ଜୀବ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ ଜୀବମାନଙ୍କ ଠାରୁ ଅନେକାଂଶରେ ଭିନ୍ନ । ମନୁଷ୍ୟ ପାଖରେ ମନ, ବୁଦ୍ଧି ଓ ବିବେକ ବୋଧ ରହିଛି ଯାହା ଅନ୍ୟ ଜୀବଜନ୍ତୁମାନଙ୍କ ପାଖରେ ବିକଶିତ ହୋଇ ନାହିଁ । ଭଲ ମନ୍ଦ, ଠିକ ଭୁଲ, ଉଚିତ ଅନୁଚିତ ଆଦି ବିଚାର କରିବାର ଅଦ୍ଭୁତ କ୍ଷମତା ମନୁଷ୍ୟ ପାଖରେ ରହିଛି । ତା'ର ଆଉ ଏକ ବିଶେଷତ୍ୱ ହେଲା - ସେ କ୍ରମ ଉନ୍ନତିଶୀଳ । ବିବର୍ତ୍ତନଧାରାରେ ମନୁଷ୍ୟ ସବୁବେଳେ ଅଗ୍ରଗାମୀ ହୋଇଛି । ଅତୀତର ତିକ୍ତ ଅଭିଜ୍ଞତାକୁ ପଛରେ ଛାଡ଼ି ସେ ଆଗେଇଯାଉଛି ଅନାଗତ ଭବିଷ୍ୟତ ଅଡକୁ । ଅଥଚ ପାଶବିକତା ଠାରୁ ସେ ସଂପୂର୍ଣ୍ଣ ଦୂରେଇ ଆସିଛି ବୋଲି ମଧ୍ୟ କୁହାଯାଇପାରିବ ନାହିଁ । ସ୍ଥଳ ବିଶେଷରେ, ମନୁଷ୍ୟ ଭିତରେ ସମାଧି ନେଇସାରିଥିବା ପଶୁପଣିଆ ପୁଣି ଜୀବନ୍ୟାସ ପାଇ ଉଠି ଆସୁଛି । ସେହି ପଶୁପଣିଆର ପ୍ରଭାବରେ ବୁଦ୍ଧି ବୃତ୍ତି ଲୋପ ପାଇଯାଏ, ମନୁଷ୍ୟ ଅଜ୍ଞାନ ପରି ଆଚରଣ କରେ । ତା'ର କୁକର୍ମ ଯୋଗୁ ଅନ୍ୟମାନେ ଗଭୀର ଭାବରେ ପ୍ରଭାବିତ ହୋଇଥାନ୍ତି । ସହନଶୀଳତା ଓ ଗ୍ରହଣଶୀଳତାର ଅଭାବ ଏହି ଇତର ପ୍ରବୃତ୍ତିରୁ ହିଁ ଜନ୍ମ ନେଇଥାଏ । ବୌଦ୍ଧିକ ସମାଜର ସ୍ୱପ୍ନ ଦେଖୁଥିବା ମଣିଷକୁ ସର୍ବପ୍ରଥମେ ଏହି ଦୁର୍ଗୁଣସବୁକୁ ପରିହାର କରିବାକୁ ପଡିବ । ଆଲୋକ ଓ ଅନ୍ଧକାରର ଏକତ୍ର ଅବସ୍ଥାନ ଯେମିତି ଅସମ୍ଭବ, ସେହିପରି ଭଲପଣିଆ ଓ ମନ୍ଦପଣିଆର ଏକାଠି ରହଣି ଅସମ୍ଭବ ।

(କ) ପଶୁପଣିଆର ପ୍ରଭାବରେ ମନୁଷ୍ୟର ସ୍ୱଭାବ କିପରି ବଦଳିଯାଏ ?
(ଖ) ଅନ୍ୟ ଜୀବମାନଙ୍କ ଠାରୁ ମନୁଷ୍ୟ କିପରି ଭିନ୍ନ ?
(ଗ) ଇତର ପ୍ରବୃତ୍ତି କାହାକୁ ଜନ୍ମ ଦେଇଥାଏ ?
(ଘ) ମନୁଷ୍ୟ ପାଖରେ କେଉଁ ଅଦ୍ଭୁତ କ୍ଷମତା ରହିଛି ?
(ଙ) ଭଲପଣିଆ ଓ ମନ୍ଦପଣିଆକୁ କାହା ସହିତ ତୁଳନା କରାଯାଇଛି ?

## 'ଖ' ବିଭାଗ

2. **ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ ।** 10

(କ) ସମ୍ବାଦପତ୍ର

(ଖ) ପର୍ଯ୍ୟଟନଶିଳ୍ପର ବିକାଶ

(ଗ) ସାମାଜିକ ପ୍ରଗତିରେ ବିଜ୍ଞାନର ଭୂମିକା

3. ତୁମ ବିଦ୍ୟାଳୟରେ ପାଳିତ ହୋଇଥିବା 'ଆନ୍ତର୍ଜାତିକ ଯୋଗ ଦିବସ'ର ବିବରଣୀ ସମ୍ବାଦପତ୍ରରେ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ଏହାର ସଂପାଦକଙ୍କୁ ଏକ ପତ୍ର ଲେଖ । 5

**କିମ୍ବା**

'ମାତୃଜାତିକୁ ସମ୍ମାନ' ଶୀର୍ଷକରେ ଲିଖିତ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସଂପାଦକଙ୍କୁ ପତ୍ର ଲେଖ ।

(ବି.ଦ୍ର. - ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ)

## 'ଗ' ବିଭାଗ

4. (କ) **ନିମ୍ନରେ ପ୍ରଦତ୍ତ ଇଂରାଜୀ ଅନୁଚ୍ଛେଦକୁ ଓଡ଼ିଆରେ ଅନୁବାଦ କର ।** 5

***Lord Jagannath is the deity of the Universe. He is above all human limitations and boundaries. He has been worshipped by people of all religions and beliefs since a long back. His car festival is now a global concept. He spreads the message of Universal brotherhood and oneness.***

(ଖ) ଲକ୍ଷଣସହ ଯେ କୌଣସି ଗୋଟିଏ ଛନ୍ଦର ଉଦାହରଣ ଦିଅ । 5

ବଙ୍ଗଳାଶ୍ରୀ, ରାମକେରୀ

(ଗ) ବାକ୍ୟ ରୂପାନ୍ତର କର । (ଯେ କୌଣସି ୫ଟିର) 5

(i) ଏ ବର୍ଷର ଖରା କି ଅସହ୍ୟ ! (ନାସ୍ତିସୂଚକ)

(ii) ବିଦ୍ୱାନବ୍ୟକ୍ତିଙ୍କୁ କେହି ଅନାଦର କରନ୍ତି ନାହିଁ । (ବିବୃତିସୂଚକ)

(iii) ଶିବଙ୍କ ନଟରାଜ ରୂପ ଖୁବ୍ ଭୟଙ୍କର । (ବିସ୍ମୟସୂଚକ)

(iv) ମଧୁବାବୁଙ୍କ ସ୍ୱାଭିମାନ ଓ ଦେଶପ୍ରେମର ତୁଳନା ନାହିଁ । (ପ୍ରଶ୍ନସୂଚକ)

(v) ତୁମ ବିଦ୍ୟାବୁଦ୍ଧି କେତେ ମୋତେ ଜଣା ଅଛି । (ନାସ୍ତିସୂଚକ)

(vi) ନିଷ୍ଠା ନ ଥିଲେ ସଫଳତା ମିଳେ ନାହିଁ । (ବିବୃତିସୂଚକ)

(vii) ଚିଲିକାର ସୌନ୍ଦର୍ଯ୍ୟ ଅପୂର୍ବ । (ବିସ୍ମୟସୂଚକ)

## 'ଘ' ବିଭାଗ

5. "ଜନତାର ସାମୂହିକ ଶିକ୍ଷା ପାଇଁ ମାତୃଭାଷା ହିଁ ପ୍ରକୃତ ମାଧ୍ୟମ" - ପଠିତ "ମାତୃଭାଷା ଓ ଲୋକଶିକ୍ଷା" ପ୍ରବନ୍ଧ ଅନୁସରଣରେ ଉକ୍ତିଟିର ସତ୍ୟତା ପ୍ରତିପାଦନ କର । 8

**କିମ୍ବା**

ବିବେକାନନ୍ଦଙ୍କର ଭାରତ ପରିଭ୍ରମଣର ଉଦ୍ଦେଶ୍ୟ ଓ ପରିଣତି ଆଲୋଚନା କର ।

6. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି ଗୋଟିକର) 5

(କ) ବାସ୍ତବରେ ଲୋକଙ୍କ ହାତକୁ କ୍ଷମତା ଦେଇ ତାଙ୍କ ନିଜ ଭାଷାରେ ଶାସନ କାର୍ଯ୍ୟ ଚଳାଇବା ପାଇଁ ସୁଯୋଗ ନ ଦେଲେ ସେ କ୍ଷମତାର କିଛି ଅର୍ଥ ନାହିଁ ।

(ଖ) ଭାରତୀୟ ଦର୍ଶନରେ, ମନୁଷ୍ୟର ସେବା ହିଁ ଈଶ୍ୱର ସେବା ।

7. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୩ଟିର) $3 \times 2 = 6$

(କ) କୃଷି ବିଷୟକ ଶିକ୍ଷା ମାତୃଭାଷାରେ ହେଲେ କି ସୁଫଳ ହୁଅନ୍ତା ?

(ଖ) ବିଦେଶୀ ଭାଷା ଲୋକମାନଙ୍କ ଭିତରେ ସହଜରେ ପ୍ରସାରିତ ନ ହେବାର କାରଣ କ'ଣ ?

(ଗ) ବିବେକାନନ୍ଦ ଉଦ୍ଦେଶ୍ୟହୀନ ଭାବରେ ପାଦରେ ଚାଲିଚାଲି ଭାରତସାରା ବୁଲି ଥିଲେ କାହିଁକି ?

(ଘ) ସ୍ୱାମୀ ରାମକୃଷ୍ଣାନନ୍ଦ ମଠ ଛାଡ଼ି ବାହାରକୁ ଯାଇନଥିଲେ କାହିଁକି ?

(ଙ) ସତ୍ୟବାଦୀ ପର୍ବର ମୁଖ୍ୟ ଆଦର୍ଶ କ'ଣ ଥିଲା ?

8. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । $4 \times 1 = 4$

(କ) ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସର ନାମ କ'ଣ ?

(i) ପଦ୍ମମାଳୀ (ii) ବିବାସିନୀ

(iii) କନକଲତା (iv) ପ୍ରାୟଶ୍ଚିତ୍ତ

(ଖ) ନବଯୁଗ ସାହିତ୍ୟ ସଂସଦର ପ୍ରତିଷ୍ଠାତା କିଏ ?

(i) ଭଗବତୀ ଚରଣ ପାଣୀଗ୍ରାହୀ (ii) କାଳିନ୍ଦୀ ଚରଣ ପାଣିଗ୍ରାହୀ

(iii) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ (iv) ଅନନ୍ତ ପଟ୍ଟନାୟକ

(ଗ) ବିବେକାନନ୍ଦ ଜଙ୍ଗଲ ଭିତରକୁ ପଶିଯିବାର କାରଣ କ'ଣ ?

(i) ଜଙ୍ଗଲର ଦୃଶ୍ୟ ଦେଖିବା ନିମନ୍ତେ

(ii) ଜଙ୍ଗଲ ରାସ୍ତାରେ ପଥ ବଣା ହୋଇ ଯିବାରୁ

(iii) ଦରିଦ୍ର ଲୋକଙ୍କ ନିମନ୍ତେ କିଛି ନ କରିପାରିବାରୁ

(iv) ଜ୍ଞାନ ଚର୍ଚ୍ଚାରେ ପରାଜିତ ହେବାରୁ

(ଘ) ଅନ୍ନଦାଶଙ୍କରଙ୍କର ମାତୃଭାଷା କ'ଣ ଥିଲା ?

(i) ଓଡ଼ିଆ (ii) ବଙ୍ଗଳା

(iii) ଇଂରାଜୀ (iv) ହିନ୍ଦୀ

9. ଆଶ୍ରମରେ ସତୀ ସୀତାଙ୍କୁ ଉଷା କିପରି ସ୍ୱାଗତ ଜଣାଇଛନ୍ତି - ପଠିତ କବିତା "ମଙ୍ଗଳେ ଅଇଲା ଉଷା" ଅନୁସରଣରେ ଆଲୋଚନା କର । 7

କିମ୍ବା

ନବଯୁଗର ତରୁଣମାନଙ୍କୁ ଯୁଗର ଆହ୍ୱାନ ସମ୍ପର୍କରେ କବି କ'ଣ କହିଛନ୍ତି ଆଲୋଚନା କର ।

10. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି ଗୋଟିକର) 5

(କ) ଜନମ କାଳୁ ଯେ ଦେହେ ତୋ ଆଘାତ
କେତେ ନ ଦେଇଛି ମୁହିଁ
ନିଜ ଛୁଆ ବୋଲି ସବୁଦୋଷ ସିନା
କ୍ଷମି ଅଛୁ ଏକା ତୁହି ।

(ଖ) ଦେବାପାଇଁ ନବଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ ।

11. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ୩ଟିର) $3\times2=6$

(କ) ସୀତାଙ୍କ ହୃଦୟ ଶୋକ - ଜର୍ଜରିତ ହେବାର କାରଣ କ'ଣ ?
(ଖ) ଭବିଷ୍ୟତର ତରୁଣମାନେ କ'ଣ କଲେ ଜାଗି ଉଠିବେ ବୋଲି କବି କହିଛନ୍ତି ?
(ଗ) ଭୁବନ ସାରା ହସାଇବା ପାଇଁ କ'ଣ ଭିନ୍ନ କରିବାକୁ କୁହାଯାଇଛି ?
(ଘ) ମାଟି ଚେର ମୂଳ ଗଛ ଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି ?
(ଙ) କେଉଁଠାରୁ ଆମେ ଶକ୍ତି ଓ ତୃପ୍ତି ପାଉ ବୋଲି କବି କହିଛନ୍ତି ?

12. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । $4\times1=4$

(କ) ଭାଟ ବେଶରେ କିଏ ସ୍ତବ ପାଠ କରୁଥିବା କଥା କବିତାରେ କୁହାଯାଇଛି ?
(i) ଭ୍ରମର (ii) କୋକିଳ
(iii) କୁମ୍ଭାଟୁଆ (iv) ଉଷା

(ଖ) କବି ଉଷାଙ୍କୁ କେଉଁ ରୂପରେ ବର୍ଣ୍ଣନା କରିଛନ୍ତି ?
(i) ଅନୁକମ୍ପା (ii) ଯୋଗେଶ୍ୱରୀ
(iii) ବୈଦେହୀ (iv) ତମସା

(ଗ) ନବଯୁଗର କେଉଁମାନଙ୍କୁ ଜାଗିଉଠିବା ପାଇଁ କୁହାଯାଇଛି ?
(i) ଶୋଷିତ (ii) କୃଷକ
(iii) ବୃଦ୍ଧ (iv) ତରୁଣ

(ଘ) କ'ଣ ଖୋଜି ଦେବା ପାଇଁ କବି ମାଟି ମାଆଙ୍କୁ ପ୍ରାର୍ଥନା କରିଛନ୍ତି ?
(i) ଧନ ସମ୍ପଦ (ii) ହଜିଲା ଅତୀତ
(iii) ଭୋଗ ବିଳାସ (iv) ଚେତନାର ସ୍ୱବିକାଠି

13. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ଗୋଟିକର) 5

(କ) ନାରୀ ଯୁଗେ ଯୁଗେ ପ୍ରେରଣାଦାୟିନୀ - କୁରୁବକୀ ଚରିତ୍ର ମାଧ୍ୟମରେ ଆଲୋଚନା କର ।
(ଖ) ବୃକ୍ଷ ଓ ଜନନୀ ଉଭୟେ ମାନବ ଜୀବନକୁ କିପରି ଧନ୍ୟ କରିଥାନ୍ତି ପଠିତ ଗଳ୍ପ ଅବଲମ୍ବନରେ ଆଲୋଚନା କର ।
(ଗ) ଶିଳ୍ପୀମାନେ ଧରମାକୁ ଶେଷ କରିଦେବାକୁ ଚାହିଁବାର କାରଣ କ'ଣ ?

* * *